BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A004
https://bageesha.in
OPEN ACCESS

# ଆଭାସଗଳ୍ପର ଶିଳ୍ପକଳା ଓ ଓଡ଼ିଆ ଗଳ୍ପ ସାହିତ୍ୟରେ ତା'ର ପଦଧ୍ୱନୀ

■ ଆଲୋକ ରଞ୍ଜନ ଷଡ଼ଙ୍ଗୀ[୧], ଡ଼. ସନ୍ତୋଷ ତ୍ରିପାଠୀ[୨]

ଓଡ଼ିଆ ଅଧ୍ୟାପକ, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ[୧]

ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର[୨]

Article Received : 30.07.2024 | Accepted : 25.08.2024 | Published : 25.09.2024

## ସାରାଂଶ

ABSTRACT

ଆଭାସଗଳ୍ପ ହେଉଛି ଯେ କୌଣସି କ୍ଷଣିକ ଅନୁଭୂତି, ଆବେଗର ଗାଢ଼ତାପନ୍ନ ବା ଘନବଦ୍ଧ ପରିପ୍ରକାଶ। ଶୈଳୀ ଏହାର ଅତ୍ୟନ୍ତ ବ୍ୟଞ୍ଜନାତ୍ମକ। ଏହା ମନନଶୀଳ ସର୍ଜନ ବ୍ୟାପାର। କୌଣସି ଏକ ଘଟଣାକୁ ସିଧାସଳଖ ବନେଇ ଚୁନେଇ ନଲେଖି ଅସଲ କଥାର କେନ୍ଦ୍ରକୁ ଛୁଇଁବା ହେଉଛି ଆଭାସଗଳ୍ପର ଧର୍ମ। ବ୍ରହ୍ମାନନ୍ଦ ପଣ୍ଡାଙ୍କଠୁ ଆରମ୍ଭ ହୋଇଥିବା ଆଭାସଗଳ୍ପ  ଏକ ସ୍ୱତନ୍ତ୍ର ଶୈଳୀ ସୂତ୍ର ଭାବରେ  ଷାଠିଏ ପରବର୍ତ୍ତୀ କାଳର ଗଳ୍ପଧାରାରେ ସମୃଦ୍ଧ ଲାଭ କରିଛି । ଉତ୍ତରଷାଠିଏ କାଳରେ ଗାଳ୍ପିକମାନେ ନିହାତି ଗୋଟେ ଅନୁଭବ ମଣ୍ଡଳରେ ପାଠକକୁ କିଛି ସମୟ ବାନ୍ଧି ରଖିବା ପାଇଁ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ପୁରୁଣା କାହଣୀର ଗଳ୍ପ ପ୍ରସ୍ଥକୁ ଛୋଟଛୋଟ ବିମ୍ବରେ ଦେଖିବାର ମାନସିକତାରୁ ଆଭାସଗଳ୍ପର ସୃଷ୍ଟି ହେଲା । ବ୍ରହ୍ମାନନ୍ଦ ପଣ୍ଡା, ରବି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, ନିମାଇଁ ଚରଣ ପଟ୍ଟନାୟକ, ପ୍ରଫୁଲ୍ଲ ତ୍ରିପାଠୀ, ରତ୍ନାକାର ଚଇନି, ସଦାଶିବ ଦାସ, ପ୍ରସନ୍ନ ପାଟ୍ଟଶାଣୀ, ରବିସ୍ୱାଇଁ, ସତ୍ୟମିଶ୍ର, କହ୍ନେଇଲାଲ ଦାସ, ଅଶୋକ ଚନ୍ଦନ, ଅଧ୍ୟାପକ ବିଶ୍ୱରଞ୍ଜନ, ଗିରିଦଣ୍ଡ ସେନା, ରଣଦୀର ଦାସ, ପୂର୍ଣ୍ଣାନନ୍ଦ ଦାନୀ, ଜଗଦୀଶ ମହାନ୍ତି ଇତ୍ୟାଦି ଗାଳ୍ପିକ ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ଲିଖନୀ ଚାଳନା କରି ସମୃଦ୍ଧ କରିପାରିଛନ୍ତି । ଏହି ଆଲୋଚନାରେ ଆଭାସଗଳ୍ପର ସଂଜ୍ଞା, ସ୍ୱରୂପ ସହିତ ଓଡ଼ିଆ ଗଳ୍ପରେ ତାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଛି ।

BM2024/04-A004

ମୂଳଶବ୍ଦ: ଆଭାସଗଳ୍ପ, ଓଡ଼ିଆ ଗଳ୍ପ ସାହିତ୍ୟ, ଶିଳ୍ପକଳା, ପରୀକ୍ଷା ନିରୀକ୍ଷା, ପଦଧ୍ୱନୀ, ଉତ୍ତରଷାଠିଏ

ସ୍ୱାଧିନତା ପରବର୍ତ୍ତୀ ଗଳ୍ପରରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଗୁରୁତ୍ୱ ଫଳରେ ଅନୁଭୁତି ପ୍ରତି ସତ୍ୟଶୀଳ ହେବାକୁ ଯାଇ ଓଡ଼ିଆ ଗଳ୍ପ କଥାନକ ବିହୀନ ହେବାରେ ଲାଗିଲା। ଏହି ସମୟର କ୍ଷୁଦ୍ରଗଳ୍ପ ପାଠକର ଚେତନାକୁ ଆହ୍ୱାନ କଲା  ଭିତରକୁ, ମଣିଷର ଅନ୍ତଃସ୍ଥଳକୁ। ସ୍ଥୁଳଦୃଷ୍ଟିରେ ମଣିଷର ଯେଉଁ ଚାରିତ୍ରିକ ମହତ୍ତ୍ୱ ଦିଶୁଥାଏ ତାକୁ ବାଦ୍ ଦେଇ ସଭିଙ୍କ  ଅଲକ୍ଷ୍ୟରେ ଘଟୁଥିବା ତାର ଆନ୍ତରୀଣ ସଂଘାତ, ସଂଘର୍ଷ ଓ ଜ୍ୱଳନର କଥା ଗଳ୍ପରେ ସ୍ଥାନ ପାଇଲା। ଫଳରେ ଗଳ୍ପ ଗତାନୁଗତିକ ଫର୍ମକୁ ପରିହାର କରି ନୂତନ ରୂପକୁ ସ୍ୱୀକାର କଲା। ଆଭାସ ଗଳ୍ପ ସେହି ନୂତନ ପ୍ରବିଧା ମଧ୍ୟରେ ଏକ ସ୍ୱତନ୍ତ୍ର ଶିଳ୍ପକର୍ମ । ଏହା ଯେ କେବଳ ଆଙ୍ଗିକ ହ୍ରସ୍ୱତାକୁ ଗୁରୁତ୍ୱ  ଦେଲା ତାହା ନୁହଁ ବରଂ ଗଳ୍ପର ଭାବସାନ୍ଦ୍ରତାକୁ ମଧ୍ୟ ଗୁରୁତ୍ୱ ଦେଲା। ଆଭାସ ଗଳ୍ପ ସ୍ୱୟଂ ଏକ ଗପ ପରି ମନେ ନହେଲେ ବି ସବୁବେଳେ ଏକ ବିରାଟ ଗଳ୍ପ ଆଡକୁ ସୂଚିତ କରେ। ଏହି ଧରଣର ଲେଖକମାନଙ୍କ ଯୁକ୍ତିରେ କୌଣସି କଳା ଜୀବନର ପୂର୍ଣ୍ଣତାକୁ ଅଙ୍କନ କରିପାରେ ନାହିଁ। କଳା ଚିରକାଳ ଜୀବନର ପୂର୍ଣ୍ଣତାର ସାଙ୍କେତିକ ଆଭାସ ଚିତ୍ର ପ୍ରଦାନ କରିଥାଏ। "ଏଇ କେତେ ଦଶନ୍ଧିର ଗଳ୍ପ ତେଣୁ ସାନ ହେଉ ବା ବଡ଼ ହେଉ ବର୍ଣ୍ଣନାଧର୍ମୀ ନହୋଇ ଆଭାସଧର୍ମୀ ହୋଇଛି। ଆଧୁନିକ ଗଳ୍ପର ଏହି ଆଭାସଧର୍ମ ତା'ର ଆବେଦନକୁ ଅଧିକ ସଂଚରଣଶୀଳ କରିଛି। ଗଳ୍ପ ସବୁ ସତ୍ତ୍ୱେ ଏକ କଳା। ଆଭାସ ହେଉଛି ପ୍ରକୃତରେ କଳାର ଧର୍ମ। କଳା କୌଣସି କାଳରେ ଜୀବନର ଅବିକଳ ଆଲେଖ୍ୟ ନୁହେଁ। ଆଜିର ଗଳ୍ପ ଯେତେ ବାସ୍ତବବାଦୀ ହେଲେ ମଧ୍ୟ ତାହା ଜୀବନର ଅବିକଳ ଚିତ୍ର ନହୋଇ ହୋଇଛି ଆଭାସ ଚିତ୍ର। କଥାଶିଳ୍ପୀ ଜେ.ପି. ଡନଲେଭି ତେଣୁ କହିଛନ୍ତି – କଳା ହେଉଛି ଜୀବନର ଛାୟାଚିତ୍ର। ଜୀବନର ଛାୟାଚ୍ଛନ୍ନ ପରିମଣ୍ଡଳର ଚିତ୍ର ଅଙ୍କନ କରେ କଳା – 'ନଟ ଏକଜାକ୍ଟଲି ଲାଇଫ୍' ବଟ୍ ଦି ସେଡୋଜ୍ ଅଫ୍ ଲାଇଫ୍।' ଛାୟାଚ୍ଛନ୍ନ ପରିମଣ୍ଡଳରେ ଜୀବନ ଭାରି ସିକ୍ତ ଓ ଗତିଶୀଳ ଲାଗେ। ସେହି ଅସ୍ୱଷ୍ଟତା ଭିତରେ ଜୀବନକୁ ଭାରି ବୁଝିହୁଏ। ଜୀବନକୁ ବୁଝି ନ ହେବା ହିଁ ଜୀବନ ସଂପର୍କରେ ସବୁଠାରୁ ସତ ଅନୁଭବ। ଜୀବନ ବିଚିତ୍ର ନ ଲାଗିଲେ, ରହସ୍ୟବିଜଡ଼ିତ ମନେ ନହେଲେ ଜୀବନ କାହାକୁ ସୁନ୍ଦର ଲାଗେନି।" (୧)

ଆଭାସଗଳ୍ପର ଆକାର ହ୍ରସ୍ୱ ଗୁଣ ଯୋଗୁ ଅନେକେ ଏହାକୁ ଗଳ୍ପର ସଂକ୍ଷିପ୍ତ ରୂପ ବୋଲି ମନେ କରନ୍ତି ଏବଂ ଅନେକ ପ୍ରକାର ଅବାନ୍ତର ଯୁକ୍ତି ଦେଇଥାନ୍ତି। ସେହି ଯୁକ୍ତି ମଧ୍ୟରୁ ବହୁପ୍ରଚଳିତ ଯୁକ୍ତିଟି ହେଉଛି ଆଧୁନିକ ମଣିଷର ଜଞ୍ଜାଳମୟ, ବ୍ୟସ୍ତବହୁଳ ସଂସାରରେ ସମୟର ଘୋର ଅଭାବକୁ ଦୃଷ୍ଟିରେ ରଖି ଆଭାସଗଳ୍ପର ସୃଷ୍ଟି। ଏହି ଯୁକ୍ତି ଗଳ୍ପ, ଏକାଙ୍କିକା, ଉପନ୍ୟାସିକା, କବିତା ଇତ୍ୟାଦି ସାହିତ୍ୟିକ ବିଭାଗ ପାଇଁ ମଧ୍ୟ ଦେଖିବାକୁ ମିଳିଥାଏ। କିନ୍ତୁ ଏହା ଗ୍ରହଯୋଗ୍ୟ ନୁହେଁ। କାରଣ ଆଭାସ ଗଳ୍ପ ଏକ ସ୍ୱତନ୍ତ୍ର ଶିଳ୍ପକର୍ମ। ଏହା କ୍ଷୁଦ୍ରଗଳ୍ପର ସଂକ୍ଷିପ୍ତୀକରଣ ନୁହେଁ। ମଣିଷର ମନ ଭିତରେ ଉଦ୍ଭାସିତ ହେଉଥିବା ବିଭିନ୍ନ ମୁହୂର୍ତ୍ତର ବିଭିନ୍ନ ଭାବାବେଗ ଓ ଆବେଗ ସମୂହକୁ ଏକ ସୀମିତ ପରିସୀମାରେ, କେତେକ ରୂପକ ଓ ଚିତ୍ରକଳ୍ପ ମାଧ୍ୟମରେ, ଏପରିକି କାବ୍ୟିକ ଆବେଗ ଦ୍ୱାରା ରୂପାୟିତ କରିବା ଆଭାସଗଳ୍ପର ଧର୍ମ। ଆଭାସଗଳ୍ପରେ ଗୋଟିଏ ଗୋଟିଏ ଅନୁଭୂତି ଯେମିତି ଜୀବନର ସବୁ ସତ୍ୟକୁ ଆମ ଆଗରେ ନିଜ ଆଲୋକରେ ଆଲୋକିତ କରି ଟୋକିଧରିଲା ପରି ଲାଗେ। ଏହି ଗଳ୍ପ ଶୈଳୀ ସଂବେଦନାକୁ ନିୟନ୍ତ୍ରିତ ଭାବରେ ପ୍ରକାଶ କରିବାର କୌଶଳ ଶିଖାଇଲା। ଆଭାସଗଳ୍ପରେ କ୍ଷଣିକ ଆବେଗର ଚମକକୁ ଶବ୍ଦରୂପରେ ପରିପ୍ରକାଶ କରିବାକୁ ପଡେ ତେଣୁ ଲେଖକ ଶାଣିତ ଓ ସଂଯତ ଭାଷା ବ୍ୟବହାର କରେ । ଆଭାସ ଗଳ୍ପର ସୃଷ୍ଟି ମୂଳରେ ଚିତ୍ରକଳାର ଘନବାଦ ବା କ୍ୟୁବିଜିମ୍ (Cuibism) ଏବଂ ରେଖାଚିତ୍ର ବା ଗ୍ରାଫିକ୍ ଆର୍ଟ (Graphic art) ରହିଥିବା କଥା ଆଲୋଚକମାନେ ମତ ଦେଇଥାନ୍ତି। ସମାଲୋଚକ ବୈଷ୍ଣବଚରଣ ସାମଲ ଏ ସଂପର୍କରେ କୁହନ୍ତି - "ରେଖାଚିତ୍ର ବା ଆଭାସ ଚିତ୍ର ସୃଷ୍ଟିର ପ୍ରେରଣା ସ୍ୱରୂପ ଆଧୁନିକ ଚିତ୍ରକଳାକୁ ନିଆଯାଇପାରେ। ଆଧୁନିକ ଚିତ୍ରକଳାର ଘନବାଦ(Cubism) ଏ ଦିଗରେ ପଥ ଉନ୍ମୁକ୍ତ କରିଛି ବୋଲି କେତେକ ସମାଲୋଚକ ମତବ୍ୟକ୍ତ କରିଛନ୍ତି। ପିକାଶୋଙ୍କ କ୍ୟୁବିଜିମ୍ ରୁ ସାହିତ୍ୟିକମାନେ କାହାଣୀ ବିଳୀନ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରିବାର ପ୍ରେରଣା ସାଧାରଣତଃ ବିଚାର କରାଯାଇଥାଏ। ଆଭାସଚିତ୍ର ଏହି ବିଚାରଧାରାର ଅର୍ବାଚୀନ ସୃଷ୍ଟି ।ଏ ଦିଗରେ ଆଧୁନିକ ରେଖାଚିତ୍ରର (Graphic Art) ପ୍ରେରଣାକୁ ଉପେକ୍ଷା କରାଯାଇ ନପାରେ।"(୨)

ଘନବାଦ ବିଂଶ ଶତକର ଚିତ୍ରକଳା ଆନ୍ଦୋଳନ ରୂପରେ ସୃଷ୍ଟି ହୋଇଥିଲା। ଏହି ଆନ୍ଦୋଳନ ଚିତ୍ରକଳାକୁ ବହୁ ଦୃଷ୍ଟିକୋଣରୁ ଓ ଜ୍ୟାମିତିକ ଗଠନ ଦିଗରୁ ଧ୍ୟାନ କେନ୍ଦ୍ରିତ କରିବା ଶିଖାଇଲା ।ପିକାଶୋ, ବ୍ରାକ୍, ଜୁଆନଗ୍ରୀସ୍ ଏବଂ ଲେଜେର୍ ପ୍ରଭୃତି ଶିଳ୍ପୀଙ୍କ ଦ୍ୱାରା କ୍ୟୁବିଜିମ୍ ବା ଘନବାଦ (୧୯୦୭-୧୯୧୪) ଲୋକପ୍ରିୟତା ହାସଲ କରିଥିଲା। କ୍ୟୁବିଜିମ୍ ମୁଖ୍ୟତଃ ତିନି ପର୍ଯ୍ୟାୟରେ ବିଭକ୍ତ କରାଯାଏ ପ୍ରଥମଟି ସେଗାଁ ପର୍ଯ୍ୟାୟ (୧୯୦୭-୧୯୦୯), ଦ୍ୱିତୀୟଟି ବିଶ୍ଳେଷଣ ପର୍ଯ୍ୟାୟ (୧୯୧୦-୧୯୧୨) ଏବଂ ତୃତୀୟଟି ସଂଶ୍ଳେଷଣ ପର୍ଯ୍ୟାୟ (୧୯୧୩-୧୯୧୪) । ଏହି ଚିତ୍ରକଳା ବସ୍ତୁକୁ ତଥା ଆକୃତିକୁ ବିଭିନ୍ନ ସ୍ତରରେ ବିଭକ୍ତ କରି ଅମୂର୍ତ୍ତ ରୂପରେ ପୁନଃ ସଂଯୋଜିତ କରିଥାଏ। ପରବର୍ତ୍ତୀ ସମୟରେ ଏହି ଚିତ୍ରକଳାର ବିଶିଷ୍ଟ ଗୁଣାବଳୀକୁ ଲେଖକମାନେ ସାହିତ୍ୟରେ ବ୍ୟବହାର କରିଛନ୍ତି। ଜ୍ୟାମିତିକ ପ୍ରକ୍ରିୟାରେ ଭାବକୁ ଖଣ୍ଡଖଣ୍ଡ କରି, ବିଭିନ୍ନ ପରିତଳରେ ବିଭକ୍ତ କରି ଭାବର କେନ୍ଦ୍ରସ୍ଥଳୀକୁ ପହଞ୍ଚିବାର ପ୍ରୟାସରୁ ଆଭାସଧର୍ମୀ ଗଳ୍ପ ସୃଷ୍ଟିଲାଭ କରିଥିଲା। କଥାକୁ ଚିତ୍ରରୂପ ଦେବା ଏହାର ମୁଖ୍ୟ ଆଭିମୁଖ୍ୟ। ଚିତ୍ରଭାଷାରେ କବିଭାଷାରେ ବିଶ୍ୱଭାବନା ବିନ୍ଦୁଟିଏ ହେଇ ପ୍ରତିଭାତ ହୁଏ। ଆଉ ସମଗ୍ର ଦୃଶ୍ୟ ବିଭାବ ଶବ୍ଦଭିତରେ ଲୁଚି ରହିଯାଏ। ଦର୍ଶନ ହେଉ ବା ପାଠ ହେଉ ଭାଷାରୁ ଭାବ, ଦୃଶ୍ୟର ଅବବୋଧର ବିସ୍ତାରିତ ସଂସାର ଉନ୍ମୋଚନ କରିବାକୁ ହୁଏ। ଏଣୁ କବିତା ପାଠ ଓ ଚିତ୍ର ଦର୍ଶନରେ ଏକାଭଳି ଏକାଗ୍ରତା ଅବବୋଧ, ରସନିଷ୍ପତ୍ତିର ଆବଶ୍ୟକତା ଲୋଡ଼ା ହୁଏ ।(୩)

ଚିତ୍ରଶିଳ୍ପୀ ଚିତ୍ର ମାଧ୍ୟମରେ ଇମେଜ (ରୂପ, ପ୍ରତିମା) ଗଢ଼େ ଓ କବିଟିଏ ଭାଷା ମାଧ୍ୟମରେ ମଧ୍ୟ ଇମେଜ (ରୂପ, ରୂପକଳ୍ପ) ଗଢ଼େ। ଏଣୁ କବି ଓ ଶିଳ୍ପୀ ଉଭୟେ, ଜଣେ ଭାଷା ମାଧ୍ୟମରେ ଆଉ ଜଣେ ଚିତ୍ରଭାଷା ମାଧ୍ୟମରେ ଇମେଜ ହିଁ ଗଢ଼ନ୍ତି ଓ ସେମାନଙ୍କ ନିଜନିଜ ସୃଷ୍ଟି ମାଧ୍ୟମରେ ସେମାନେ ନିଃଶବ୍ଦତା ଖୋଜନ୍ତି। ଏଣୁ ଆଭାସ ଗଳ୍ପରେ ଖଣ୍ଡିତ ଭାବଗୁଡିକ ଦୃଶ୍ୟଶୀଳ ହୁଅନ୍ତି। "ଦୃଶ୍ୟଶୀଳ କରାଅ, କିଛି କୁହ ନାହିଁ" ଏହା ହିଁ ଆଭାସଗଳ୍ପର ସ୍ଲୋଗାନ୍। ଏହି ଗୁଣାବଳୀ ସାଧାରଣ ଗଳ୍ପଠୁ ଆଭାସଗଳ୍ପକୁ ସ୍ୱତନ୍ତ୍ର କରାଏ। ଆଭାସ ଗଳ୍ପର ବିଶେଷତ୍ୱ ଓ ଗଠନ କୌଶଳ ଆଲୋଚନା ପୂର୍ବରୁ ଏହା ସଂପର୍କରେ ଲେଖକ ଓ ସମାଲୋଚକଙ୍କ କେତୋଟି ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ।

- ବ୍ରହ୍ମାନନ୍ଦ ପଣ୍ଡା : 'ବିନ୍ଦୁ ଭିତରେ ସିନ୍ଧୁ'ର ସ୍ୱାଦ ଆସ୍ୱାଦନ କରିବାର ଇଚ୍ଛା ଯୋଗୁ ଗଳ୍ପ ମଝିରେ ଆଭାସ ଗଳ୍ପ ଲେଖିବାର ଆଗ୍ରହ ମୋ ଭିତରେ ସୃଷ୍ଟି ହୋଇଥିଲା। ***ମୋର ଧାରଣା ଏହିଭଳି ଗଳ୍ପ ରଚନା ପାଇଁ ଲେଖକର ଏକାଗ୍ରତା ଯେମିତି ଖୁବ୍ ଜରୁରୀ, ପାଠକର participation ମଧ୍ୟ ସେହିପରି ଆବଶ୍ୟକ। କାରଣ ଆଭାସ ଗଳ୍ପରେ ଲେଖକ ସବୁକଥା ବର୍ଣ୍ଣନା କରିପାରେନା; ସେ ଉହ୍ୟ ଅଂଶକୁ ପାଠକ ନିଜର ବୋଧଶକ୍ତି ଦ୍ୱାରା ବୁଝି ନଗଲେ ଆଭାସ ଗଳ୍ପର ରସ ଆସ୍ୱାଦନ କରିବା ସମ୍ଭବ ନୁହେଁ। (୪)
- ବୈଷ୍ଣବଚରଣ ସାମଲ : ଆଧୁନିକ ଜୀବନର ମୁହୂର୍ତ୍ତସର୍ବସ୍ୱ ଅଭିଜ୍ଞତାକୁ ନେଇ ଯେଉଁ ଆଭାସଗଳ୍ପ ସୃଷ୍ଟି କରାଯାଇଛି, ସାହିତ୍ୟରେ ତା'ର ଯେ ଏକ ସ୍ୱତନ୍ତ୍ର ଭୂମିକା ରହିଛି ଏଥିରେ ସନ୍ଦେହ ନାହିଁ। ଆଜିର ଜୀବନ ହେଉଛି ମୁହୂର୍ତ୍ତର ଜୀବନ। ପ୍ରତ୍ୟେକ ମୁହୂର୍ତ୍ତ ମଣିଷ ପକ୍ଷରେ ମୂଲ୍ୟବାନ୍। ସେହି ମୁହୂର୍ତ୍ତଗୁଡ଼ିକ ମହାସମୁଦ୍ରରେ ଦେଖାଦେଉଥିବା ତରଙ୍ଗ ଭଳି କ୍ଷଣିକ ହେଲେହେଁ ତରଙ୍ଗର କ୍ଷଣିକ ମାଧୁର୍ଯ୍ୟ ଭଳି ଏଗୁଡ଼ିକ ବୈଚିତ୍ର ବିମଣ୍ଡିତ। ଏଗୁଡ଼ିକ ସ୍ମୃତିର ସାଗରରେ ନିମଜ୍ଜିତ ହୋଇଯାଉଥିଲେହେଁ ବେଳେବେଳେ ମାନସ-ରାଜ୍ୟକୁ ଚକିତ ଉଦ୍‌ଭାସ କରେ। ଏହି ମୁହୂର୍ତ୍ତର ଅନୁଭୂତି କ୍ଷଣିକ

ମାତ୍ର ଏହାର ପ୍ରଭାବ ଗଭୀର ଭାବବ୍ୟଞ୍ଜକ। ଏ ଅନୁଭୂତି ବସ୍ତୁତଃ ଏକକ। ଏକାନ୍ତ ବ୍ୟକ୍ତିଗତ ଆତ୍ମାର ନିଭୃତ ଅନୁଚିନ୍ତା ହିଁ ସାଧାରଣତଃ ଆଭାସଗଳ୍ପରେ ପ୍ରତିଫଳିତ। ସେହି ଆତ୍ମିକ ସଂଳାପର ଅନ୍ତର୍ନିହିତ ଭାବାବେଗକୁ କେତେକ ଚିତ୍ରକଳ୍ପ ଓ ପ୍ରତୀକ ମାଧ୍ୟମରେ ତଥା କବ୍ୟିକ ଆବେଗ ସାହାଯ୍ୟରେ ରୂପାୟିତ କରାଯାଇଥାଏ। ଏହାକୁ ହିଁ କୁହାଯାଏ ଆଭାସ—ଗଳ୍ପ ବା ଆଭାସ- ଚିତ୍ର ।(୫)

- ଦୀନବନ୍ଧୁ ମିଶ୍ର: ଆଭାସର ଅର୍ଥ ସୂଚନା ବା ସଂକ୍ଷିପ୍ତ ବିବରଣୀ। ଯେଉଁ ଗଳ୍ପରେ ଅଧିକ କିଛି କୁହାନଯାଇ କେବଳ ମାତ୍ର ସୂଚନା ଦିଆଯାଇଥାଏ, ଅର୍ଥାତ୍ ଯାହା ଏକ ସୂଚନା ହିଁ ପ୍ରକାଶ କରିଥାଏ, ତାହା ଆଭାସ ଗଳ୍ପ। ଏହାକୁ କେହି କେହି ଆଭାସଚିତ୍ର ବା ରେଖାଚିତ୍ର ବୋଲି ମଧ୍ୟ କହିଥାନ୍ତି।*** ଓଡ଼ିଆ ଗଳ୍ପର ଏକ ସାଂପ୍ରତିକ ରୂପଭାବରେ ଆଭାସ ଗଳ୍ପକୁ ଗ୍ରହଣ କରାଯାଏ। ଏହା ବର୍ଣ୍ଣନାଧର୍ମୀ ନୁହେଁ, ଆଭାସ, ଇଙ୍ଗିତ ବା ସୂଚନାଧର୍ମୀ ହୋଇଥିବାରୁ କ୍ଷୁଦ୍ରାତିକ୍ଷୁଦ୍ର। ଗଳ୍ପର ଉଦ୍ଦେଶ୍ୟ ମଧ୍ୟ ମୂଳତଃ ଆଭାସଦାନକାରୀ। ଏହା ଜୀବନର ଅବିକଳ ଚିତ୍ର ନୁହେଁ। ଜୀବନ ସଂପର୍କରେ, ଘଟଣା ସଂପର୍କରେ କେବଳ ସୂଚେଇ ଦେବା ହେଲା ଏହାର କାର୍ଯ୍ୟ। ସଂକ୍ଷିପ୍ତ ସାର ହିଁ ଏହାର ପ୍ରକୃତ ପରିଚୟ।(୬)
- ପ୍ରକାଶ ପରିଡା : ନାମକରଣରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ 'ଆଭାସ ଗଳ୍ପ' ଗଳ୍ପ ମାତ୍ର ନୁହେଁ ଏହା 'ଗଳ୍ପ'ର ଆଭାସ ଦେଉଥିବା ଏକ ସ୍ୱୟଂ ସମ୍ପୂର୍ଣ୍ଣ ଲିଖନ କଳା। ଏଥିରେ ଲେଖକର ଏକାନ୍ତ ବ୍ୟକ୍ତିଗତ ଚିନ୍ତାନୁଭୂତି ସ୍ଥାନୀତ ହୁଏ। ଏହା କାବ୍ୟିକ ଏଣୁ ସୂଚନାଧର୍ମୀ। ଶବ୍ଦ ସଞ୍ଜମ ବା ପରିମିତ ରଚନା ଏହାର ସ୍ୱଧର୍ମ। ଅଧିକାଂଶରେ ଏହା ଆତ୍ମସଂଳାପଧର୍ମୀ ଓ ଲେଖକର ଆବେଗ ପ୍ରତି ବିଶ୍ୱସ୍ତ। ପ୍ରକାଶଭଙ୍ଗୀରେ କାବ୍ୟିକ ବ୍ୟଞ୍ଜନା ସହ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ପାଇଁ ଏଥିରେ କ୍ଷେତ୍ର ପ୍ରଶସ୍ତ ।"(୭)
- ସନ୍ତୋଷ ତ୍ରିପାଠୀ : ସମାଜ,ଜୀବନ ଓ ମଣିଷକୁ ନେଇ ଗଳ୍ପ ସାହିତ୍ୟ ଏକ ଶାଣିତ କଳାବୋଧକ ଅର୍ବାଚୀନ ସୃଷ୍ଟି। ଯେଉଁ ଗଳ୍ପରେ ସମାଜ, ଜୀବନ, ମଣିଷ, ପ୍ରକୃତି ଓ ଆଦର୍ଶକୁ ବିଭିନ୍ନ ଚିତ୍ରକଳ୍ପ ଓ ଇଙ୍ଗିତାତ୍ମକ ଗଳ୍ପକଳା ମଧ୍ୟରେ ପ୍ରକାଶ କରାଯାଏ, ସେତେବେଳେ ସେହି ଗଳ୍ପ ଆଭାସଗଳ୍ପର ପରିଚୟ ନେଇଥାଏ। ଆଭାସଗଳ୍ପର ଆବେଦନାତ୍ମକ ରମଣୀୟତା ଥାଏ, ତାହାର ଉପସ୍ଥାପନାର ତୀର୍ଯ୍ୟକ ରୂପକଧର୍ମରେ ଓ ପରିଣାମ ସଂଘଟନାରେ। ଶବ୍ଦଗୁଡ଼ିକ ସାହିତ୍ୟିକ ସହାୟକବୋଧର ଅଭିଧାଲକ୍ଷଣରେ ଅର୍ଥ ଉପୁଜାଇନଥାନ୍ତି। ଶବ୍ଦ ଭିତରେ ଅର୍ଥ ଭାବର ପରୋକ୍ଷ ବକ୍ରୋକ୍ତି ସୂଚକ ପ୍ରତୀକାତ୍ମକ ନିଷ୍ପତ୍ତି ଅନୁସାରେ ବୁଝାଯାଏ। ଅର୍ଥର ନିଷ୍ପତ୍ତି ଘଟିଯାଇଥାଏ। ଶବ୍ଦର ଅର୍ଥ ଭିତରେ ଅର୍ଥ ଓ ଅନେକ ଶବ୍ଦର ମେଳକ ଭିତରେ ଲେଖକୀୟ ପ୍ରତିପାଦ୍ୟ ଗୂଢ଼ ବକ୍ତବ୍ୟର ତାତ୍ପର୍ଯ୍ୟଟି ରୂପକାତ୍ମକ ଲକ୍ଷଣାର ରହିଥାଏ।(୮)
- ଦିଲ୍ଲୀପ ସ୍ୱାଇଁ: ଏହାକୁ ଗଳ୍ପ ନ କହି ଗଳ୍ପାଭାସ କହିଲେ ଠିକ୍ହେବ। ଏଥିରେ ପରୋକ୍ଷ ଭାବରେ ଗୋଟିଏ କାହାଣୀର ସୂଚନା ଦିଆଯାଇଥାଏ। ଏହା ମାତ୍ର ଦଶ ବାର ଧାଡ଼ି ମଧ୍ୟରେ ଆରମ୍ଭ ହୋଇ ଶେଷ ହୋଇଥାଏ। ଏହାର ଭାଷା ଅତି ମାତ୍ରାରେ କାବ୍ୟିକ। ଗୋଟିଏ ଶବ୍ଦ ଏଥିରେ ଅଧିକ ଅର୍ଥ ପ୍ରକାଶ କରିବାରେ ସକ୍ଷମ। ଆଭାସଗଳ୍ପର ପାଠକ ସୀମିତ।(୯)

ବିଜୁଳି ଆଲୁଅ କ୍ଷଣକ ଭିତରେ ଅନ୍ଧକାର ଭେଦି ଉଜ୍ଜ୍ୱଳତା ପ୍ରକାଶକରି ପୁନଃ ଅପସାରିତ ହୋଇଗଲା ପରି ମଣିଷର ଅସଂଖ୍ୟ ଭାବାବେଗ ମୁହୂର୍ତ୍ତକ ପାଇଁ ସୃଷ୍ଟି ହୋଇ, ମୁହୂର୍ତ୍ତକ ଭିତରେ ବିଳୟ ଘଟେ। ତେଣୁ ମୁହୂର୍ତ୍ତର ଭାବାବେଗକୁ ପରିପ୍ରକାଶ ପାଇଁ ଆବଶ୍ୟକ ହୁଏ ସଂଯତ କଥନ କୌଶଳ, ସନ୍ତୁଳିତ ବ୍ୟଞ୍ଜନା ଓ ପରିମିତ ଚିତ୍ରଭାଷା। ଆଭାସଗଳ୍ପ ଲେଖକର ସମର୍ଥ ଭାଷା ପ୍ରୟୋଗରେ ଜୀବନ୍ୟାସ ପାଇଥାଏ। ଏଥିରେ କାହାଣୀ ଅପେକ୍ଷା କାହାଣୀର କେନ୍ଦ୍ରକୁ ପହଞ୍ଚି ଉପସ୍ଥାପନା କରିବାର କୌଶଳ ବଡ଼କଥା। ଆଭାସଗଳ୍ପ ଆକାର ଦିଗରୁ ହ୍ରସ୍ୱ ହେଲେ ମଧ୍ୟ ରଚନା କରିବା କଷ୍ଟକର। କଥା ବଖାଣି ଜାଣିଥିବା କଥାକାର ଅପେକ୍ଷା କଥାକୁ ଶବ୍ଦଚିତ୍ର କରି ଦୃଶ୍ୟଶୀଳ କରିପାରୁଥିବା ଚିତ୍ରକର ହିଁ ସଫଳ ଆଭାସଗଳ୍ପର ସ୍ରଷ୍ଟା। ତେଣୁ ଆଭାସଗଳ୍ପ ସଂକ୍ଷିପ୍ତ କିନ୍ତୁ ସହଜ ନୁହଁ। ପୁଣି ଏହା ଗଳ୍ପର ବନସାଇ କରଣ ମଧ୍ୟ ନୁହଁ। ଏହାର ସ୍ୱତନ୍ତ୍ର ଶୈଳୀ, ମୌଳିକ ଢାଞ୍ଚା ଏବଂ ପ୍ରକାଶଭଙ୍ଗୀ ରହିଛି। ଆଭାସ ଗଳ୍ପର ମୂଳକଥା ହେଲା ଆକସ୍ମିକ ଚିନ୍ତନ ବା ଅନୁଭୂତିକୁ ରୂପଦେବା। ଏହାର ମୌଳିକ ଗୁଣ ହେଉଛି ଆତ୍ମାନୁଶୀଳନ, ଭାବସାନ୍ଦ୍ରତା ଓ ପ୍ରକାଶଭଙ୍ଗୀର ସ୍ୱଚ୍ଛତା। ଏହା ହୃଦୟବୃତ୍ତିରୁ ପ୍ରସାରିତ ହୋଇ ମାନସିକ ସ୍ତରକୁ ଉଜ୍ଜୀବିତ କରେ। ପାଠକର ବୌଦ୍ଧିକ ଚେତନାରେ ଆଲୋଡ଼ନ ସୃଷ୍ଟିକରେ। କାବ୍ୟିକ ଭାଷାରେ ଲେଖାଗଲେ ଏହାର ମହତ୍ତ୍ୱ ଫୁଟିଉଠେ। ଏହା ଏକ ନୂତନ କୌଶଳପୂର୍ଣ୍ଣ ପରିପ୍ରକାଶ, ଯାହା ଗଳ୍ପର ଅଧିକାଂଶ ଧର୍ମ ବା ଗୁଣକୁ ବହନ କରି ମଧ୍ୟ ପୃଥକ। ତେବେ ଆଭାସ ଗଳ୍ପର ଗଠନରୀତି ସଂପର୍କରେ ଆଲୋକପାତ କରାଯାଏ ପାରେ ।

କ) ଆଭାସ ଗଳ୍ପରେ ମୂର୍ତ୍ତ ଘଟଣା ବଦଳରେ ଅମୂର୍ତ୍ତ ଭାବନା ଉପରେ ଜୋର୍ ଦିଆଯାଏ। ଏଥିରେ ଗାଳ୍ପିକ କଥ୍ୟ(ଥିମ୍)କୁ କଥାନକ(ପ୍ଲଟ୍)ର ଜାମା ନପିନ୍ଧାଇ ଉପସ୍ଥାପନ କରେ। ଫଳରେ ପାଠକ ଲେଖକର ଅକ୍ଷତ କୁଆଁରୀ ଭାବନାର ସଂସ୍ପର୍ଶରେ ଆସେ। ତେଣୁ ଏଥିରେ ଘଟଣାର ବର୍ଣ୍ଣନା ନରହି ,ଘଟଣାର ନିର୍ଯ୍ୟାସକୁ ସୂଚିତ କଲାପରି ବ୍ୟଞ୍ଜିତ ଅନୁଭୂତିକୁ ଲେଖକ ପରିପ୍ରକାଶକରେ। ଏଥିରେ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। ଚରିତ୍ର ଚିତ୍ରଣ ଓ ପରିବେଶ ସଂଯୋଜନର ବ୍ୟାପକ ସୁବିଧା ନଥାଏ। ପୂର୍ବକଥା(Backstory) ପାଇଁ ସୁଯୋଗ ନଥାଏ। ଆଭାସ ଗଳ୍ପର ଲେଖକଙ୍କୁ ପାର୍ଶ୍ୱକଥା ଓ ପାର୍ଶ୍ୱସଂଘର୍ଷ ବିନା ଗଳ୍ପ ରଚନା କରିବାକୁ ପଡିଥାଏ। ସାଧାରଣ ଶିଳ୍ପଧର୍ମ ମୁତାବକ ଗଳ୍ପ ମୁଖ୍ୟତଃ କେତୋଟି ବିନ୍ଦୁ ଦେଇ ଗତିଶୀଳ ହୋଇଥାଏ। ଯଥା-ଆରମ୍ଭ, ପ୍ରବାହ, ଶୀର୍ଷବିନ୍ଦୁ, ଗ୍ରନ୍ଥିମୋଚନ ଓ ପରିସମାପ୍ତି। ମାତ୍ର ଆଭାସଗଳ୍ପ ଏହି ସୁଗଠିତ ଗଳ୍ପକଳାକୁ ଅସ୍ୱୀକାର କରିଥାଏ ।

ଖ) ଆଭାସଗଳ୍ପର ନାମକରଣ ସମୟରେ ଗାଳ୍ପିକଙ୍କୁ ବିଶେଷ କସରତ୍ କରିବାକୁ ପଡ଼ିଥାଏ। ଏହା ସିଧାସଳଖ କୌଣସି ଚରିତ୍ରର ନାମ କିମ୍ବା ଘଟଣାକୁ ପରିପ୍ରକାଶ ନକରି ଗଳ୍ପର ଥିମ୍/କଥ୍ୟାକୁ ସୂଚିତ କରେ। ଆଭାସଗଳ୍ପରେ ଏହି ନାମକରଣ ହେଉଛି ଲେଖକର ବଡ଼ ଅସ୍ତ୍ର। ଗାଳ୍ପିକ ଗଳ୍ପର ଭାବକୁ ପ୍ରତିକାତ୍ମକ ଭାବରେ ଶୀର୍ଷକ ରୂପରେ ଚୟନ କରିଥାଏ। ଅନେକ ସମୟରେ ଆଭାସଗଳ୍ପର ନାମକରଣ ମାଧ୍ୟମରେ ଲେଖକ ପାଠକର ମାର୍ଗଦର୍ଶନ କରିଥାନ୍ତି।

ଗ) ଆଭାସଗଳ୍ପର ପ୍ରଥମ ଧାଡ଼ିରେ ରୋମାଞ୍ଚ ସୃଷ୍ଟିକାରୀ ଶକ୍ତି ରହିଥିବା ଆବଶ୍ୟକ। ପ୍ରଥମ ଧାଡିଟି ପାଠକର ବୌଦ୍ଧିକତାକୁ ଚହଲାଇ ମନ ଭିତରେ ଉତ୍କଣ୍ଠା ତିଆରି କରେ। ହୃଦୟସ୍ପର୍ଶୀ ଆରମ୍ଭ ଦ୍ୱାରା ପାଠକର ମନରେ ଗଳ୍ପ ପ୍ରତି ଆଗ୍ରହ ତିଆରି କରାଯାଇ ପାରିବ। ତେଣୁ ଆଭାସଗଳ୍ପର ଲେଖକମାନେ ପ୍ରଥମ ଧାଡିକୁ ପ୍ରତିକାତ୍ମକ ତଥା କବିତାସୁଲଭ କୋମଳ ଗୁଣସମ୍ପନ୍ନ କରିଥାନ୍ତି।

ଘ) କବିତାରେ ଚିତ୍ରକଳ୍ପ ପରି ଆଭାସଗଳ୍ପରେ ଗାଳ୍ପିକ ଭାବ ଗୁଡିକୁ ଇନ୍ଦ୍ରିୟଗ୍ରାହ୍ୟ ଯୋଗ୍ୟ କରିଥାନ୍ତି। ଦୃଶ୍ୟକୁ ଦୃଶ୍ୟାତ୍ମକ କରିବା ପାଇଁ ବିଭିନ୍ନ ରଙ୍ଗ ଓ ଆକୃତିର ପ୍ରୟୋଗ କରନ୍ତି। ବିଭିନ୍ନ ପ୍ରକାର ଶବ୍ଦ ,ବିଭିନ୍ନ ପ୍ରକାର ବାସ୍ନାକୁ ଅନୁଭବ କରାଇ ହେଲାପରି ବିମ୍ବ ପ୍ରଦାନ କରାଯାଇଥାଏ। "ଦୃଶ୍ୟଶୀଳ କରାଅ କିଛି କୁହନାହିଁ"-ଏହା ହିଁ ଆଭାସଗଳ୍ପର ମୂଳମନ୍ତ୍ର। ଗଳ୍ପ ସବୁବେଳେ କୁହାଯାଏ ନାହିଁ ବରଂ କିଛି ଗପ ପାଠକ ପ୍ରାଣରେ ବିମ୍ବ ଆକାରରେ ସଜେଇ ଦିଆଯାଏ। ବିମ୍ବ ବା ଚିତ୍ରକଳ୍ପ ଆଭାସଗଳ୍ପର ମୁଖ୍ୟ ଆଧେୟ। ଶକ୍ତିଶାଳୀ କ୍ରିୟାର ପ୍ରୟୋଗ କରିବା ଓ ପଞ୍ଚେନ୍ଦ୍ରିୟଗ୍ରାହ୍ୟ ଯୋଗ୍ୟ କରି ଭାବକୁ କହିବା ଏ ଗଳ୍ପର ଅନ୍ୟତମ ବିଶେଷତ୍ୱ।

ଙ) ଆଭାସଗଳ୍ପ କ୍ଷୁଦ୍ରତାକୁ ଗୁରୁତ୍ୱ ଦିଏ। ବିନ୍ଦୁରେ ସିନ୍ଧୁ ଦର୍ଶନ କରାଇବା ଏହାର ଉଦ୍ଦେଶ୍ୟ। ଘଟଣା ଓ ଚରିତ୍ରର ବର୍ଣ୍ଣନା ନକରି ଭାବସାନ୍ଦ୍ରତାକୁ ଗୁରୁତ୍ୱ ଦିଆଯାଏ। କ୍ଷୁଦ୍ରତା କଥା ଉଠିଲେ ଆମେ ପ୍ରାୟତଃ ଗଳ୍ପର ଆକାର ପ୍ରକାରକୁ ବୁଝିଯାଉ। ତାହା କିନ୍ତୁ ଠିକ୍ ନୁହଁ। ଆଭାସଗଳ୍ପର କ୍ଷୁଦ୍ରତା ତାର ପୃଷ୍ଠାଜନିତ ସଂକ୍ଷିପ୍ତତାକୁ ନବୁଝାଇ ବୁଝାଏ ଜୀବନର ଆଂଶିକ ଅନୁଭବକୁ। ଏ ସଂପର୍କରେ ସୌରେନ୍ଦ୍ର ବାରିକ କୁହନ୍ତି - "ଜୀବନର ପୂର୍ଣ୍ଣତାକୁ ପୂର୍ଣ୍ଣଭାବରେ ଉପସ୍ଥାପନ କରନ୍ତି ନାହିଁ। ଲେଖକ କେବଳ ଆଂଶିକ ଜରିଆରେ ପୂର୍ଣ୍ଣର ସୂଚନା ଦେଇଥାନ୍ତି। ଫଳରେ ଆଂଶିକ ଆଉ ପରଶ୍ରୟୀ ଆଂଶିକ ହୋଇ ରହେ ନାହିଁ । ଏହା ସ୍ୱୟଂ ସମ୍ପୂର୍ଣ୍ଣ ହୋଇଯାଏ। ଏହି ସୂଚନାଧର୍ମିତା ହିଁ କ୍ଷୁଦ୍ରଗଳ୍ପର କ୍ଷୁଦ୍ରତା। ଏ କ୍ଷୁଦ୍ରତା ଦୈର୍ଘ୍ୟରେ ନାହିଁ, ଏହା ବର୍ଣ୍ଣନାରେ ନାହିଁ। ଏହା ଅଛି ଜୀବନକୁ ଦେଖିବାର ଭଙ୍ଗୀଟିରେ। ଅନୁଭବର ନିର୍ଯ୍ୟାସରେ ।"(୧୦) ତେଣୁ ଆଭାସଗାଳ୍ପିକ ଅନୁଭବର ନିର୍ଯ୍ୟାସକୁ କେମିତି ସାନ୍ଦ୍ରପଣରେ ପରିବେଷଣ କରିପାରିବେ ସେ ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି ।

ଚ) ଆଭାସଗଳ୍ପର ସଫଳତା ପାଇଁ ଲେଖକର ପରିଶ୍ରମ ଯେତିକି ଲୋଡ଼ା ତା ଅପେକ୍ଷା ପାଠକର ବୌଦ୍ଧିକ ଗ୍ରହଣଶୀଳତା ବେଶୀ ଆବଶ୍ୟକ। ଏହି ଧାରାର ଲେଖକମାନେ ଆପଣା ପାଠକକୁ ବୋକା ବା ଅଳ୍ପଜ୍ଞାନସମ୍ପର୍ଣ୍ଣ ମନେ କରନ୍ତି ନାହିଁ। "ମୋର ଧାରଣା ଏହିଭଳି ଗଳ୍ପ ରଚନା ପାଇଁ ଲେଖକର ଏକାଗ୍ରତା ଯେମିତି ଖୁବ୍ ଜରୁରୀ, ପାଠକର participation ମଧ୍ୟ ସେହିପରି ଆବଶ୍ୟକ। କାରଣ ଆଭାସ ଗଳ୍ପରେ ଲେଖକ ସବୁକଥା ବର୍ଣ୍ଣନା କରିପାରେନା; ସେ ଉହ୍ୟ ଅଂଶକୁ ପାଠକ ନିଜର ବୋଧଶକ୍ତି ଦ୍ୱାରା ବୁଝି ନଗଲେ ଆଭାସ ଗଳ୍ପର ରସ ଆସ୍ୱାଦନ କରିବା ସମ୍ଭବ ନୁହେଁ।(୧୧) ସ୍ୱାଧିନୋତ୍ତର ଓଡ଼ିଆ ସାହିତ୍ୟର ନବରୂପାନ୍ତର ଦିଗରେ ଲେଖକମାନଙ୍କର ଏହି ପାଠକବିଶ୍ୱାସୀ ମାନସିକତା ବିଶେଷ ଭୂମିକା ନିର୍ବାହ କରିଥାଏ। ପାଠକ ବା ଦର୍ଶକ ସାଧାରଣ ମଣିଷ ନୁହଁ ଯେ ଲେଖକ ସବୁକଥା ତାକୁ ବୁଝେଇଦେବ। ସାହିତ୍ୟର ସଫଳତାରେ ପାଠକ ପ୍ରାଣର ସହଭାଗିତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହିପରି ସିଦ୍ଧାନ୍ତ ଉପରେ ଠିଆ ହୋଇଥିବାରୁ ଆଭାସଗଳ୍ପ ବୌଦ୍ଧିକତା ଉପରେ ବେଶୀ ଗୁରୁତ୍ୱ ଦିଏ। ଲେଖକର ପୂର୍ଣ୍ଣ ବିଶ୍ୱାସ ଯେ ପାଠକ ସେହି ବୌଦ୍ଧିକତାର ଜଟିଳତା ଭିତରୁ ପ୍ରକୃତ ସତ୍ୟ ଖୋଜି ନେଇ ଆନନ୍ଦ ପାଇଯିବ।

ସୁତରାଂ, ଆଭାସଗଳ୍ପ ହେଉଛି ଯେ କୌଣସି କ୍ଷଣିକ ଅନୁଭୂତି, ଆବେଗର ଗାଢ଼ତାପନ୍ନ ବା ଘନବଦ୍ଧ ପରିପ୍ରକାଶ। ଶୈଳୀ ଏହାର ଅତ୍ୟନ୍ତ ବ୍ୟଞ୍ଜନାତ୍ମକ। ଏହା ମନନଶୀଳ ସର୍ଜନ ବ୍ୟାପାର। କୌଣସି ଏକ ଘଟଣାକୁ ସିଧାସଳଖ ବନେଇ ଚୁନେଇ ନଲେଖି ଅସଲ କଥାର କେନ୍ଦ୍ରକୁ ଛୁଇଁବା ହେଉଛି ଆଭାସଗଳ୍ପର ଧର୍ମ। ଭାବସାନ୍ଦ୍ରତା ସହ ପ୍ରକାଶ ଭଙ୍ଗୀର ସ୍ୱଚ୍ଛନ୍ଦ ସାବଲୀଳତା ଗୁଣ ଘେନି ଏହା ସମୃଦ୍ଧ। କାବ୍ୟିକ ଭାଷା ଓ ଶବ୍ଦସ୍ୱୀତି ଆଭାସଗଳ୍ପ ଲେଖକର ମୁଖ୍ୟ ଅସ୍ତ୍ର। ପ୍ରତୀକଧର୍ମୀ ଉପସ୍ଥାପନ ଓ ଚିତ୍ରଧର୍ମୀ କଥନ ସାହାଯ୍ୟରେ ବକ୍ତବ୍ୟର ଏକ ନକ୍ସା ବା ରେଖାଚିତ୍ର ପ୍ରଦାନ କରୁଥିବାରୁ ଆଭାସଗଳ୍ପ ପାଠକର ଚେତନାକୁ ଚହଲାଇ ଦେବାରେ ସମର୍ଥ ହୋଇଥାଏ।

ଓଡ଼ିଆ ଆଭାସଗଳ୍ପ ପରମ୍ପରା : ସ୍ୱାଧିନୋତ୍ତର ପର୍ଯ୍ୟାୟରେ ଘନବାଦୀ ଓଡ଼ିଆ ଗଳ୍ପଧାରା ବିକାଶଲାଭ କରିଥିଲା। ଭଲଗପର ପରିଭାଷା ସମୟରେ ମନେରହିବା ଗୁଣକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଆଭାସଗାଳ୍ପିକଙ୍କ ଦୃଷ୍ଟିରେ ସଫଳ ଗଳ୍ପର ଧର୍ମ ହେଉଛି ପାଠକର ପରିଚିତ ଅନୁଭୂତିକୁ ତୀବ୍ର ଭାବରେ ଉଖାରି ପାରିବା ଓ ସେହି ଭାବରେ ପାଠକର ସମଗ୍ର ମନ ଓ ଚେତନାକୁ ଆବିଷ୍ଟ କରିଦେବା। ଉତ୍ତରଷାଠିଏ କାଳରେ ଗାଳ୍ପିକମାନେ ନିହାତି ଗୋଟେ ଅନୁଭବ ମଣ୍ଡଳରେ ପାଠକକୁ କିଛି ସମୟ ବାନ୍ଧି ରଖିବା ପାଇଁ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ପୁରୁଣା କାହଣୀର ଗଳ୍ପ ପ୍ରସ୍ଥକୁ ଛୋଟଛୋଟ ବିମ୍ବରେ ଦେଖିବାର ମାନସିକତାରୁ ଆଭାସଗଳ୍ପର ସୃଷ୍ଟି ହେଲା। "ଅବୈକ୍ତିକ ବିଶ୍ଲେଷଣରୁ ଓଡ଼ିଆ କ୍ଷୁଦ୍ରଗଳ୍ପ ନିହାତି ବ୍ୟକ୍ତିଗତ ହୋଇ 'ଆଭାସ ଚିତ୍ର'ର ଜନ୍ମଦେଲା। ଆଭାସ ଚିତ୍ର ଏକ ମୁହୂର୍ତ୍ତର ନିହାତି ବ୍ୟକ୍ତିଗତ ଉଚ୍ଛ୍ୱାସ। ଏହି ଦୃଷ୍ଟିରୁ ଏହା ଗୀତିଧର୍ମୀ ଏବଂ ଶୈଳୀହୀନତା ହିଁ ଏହାର ଏକମାତ୍ର ଶୈଳୀ ।"(୧୨)

ଓଡ଼ିଆ ଗଳ୍ପ ସାହିତ୍ୟ ପରମ୍ପରାରେ ଆଭାସଗଳ୍ପ ପରିମାଣ ଦୃଷ୍ଟିରୁ ପ୍ରଚୁର ନହେଲେ ବି ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ସମୃଦ୍ଧ ।

ବିଂଶ ଶତକର ଷାଠିଏ ,ସତୁରୀ ଦଶକରେ ସାହିତ୍ୟକୁ ପ୍ରବେଶ କରିଥିବା ତରୁଣ ଗୋଷ୍ଠୀ ଏହି ଧରଣର ଗଳ୍ପଲେଖାକୁ ଗୁରୁତ୍ୱ ଦେଇଥିଲେ। କ୍ଷୁଦ୍ର ଭିତରେ ବିଶାଳତାର ଅନୁଭବ, କଥା ଭିତରେ କବିତାର ସ୍ପର୍ଶ ପାଠକମାନଙ୍କୁ ଉଚ୍ଛ୍ୱାସ ଦେଇଥିଲା। ବ୍ରହ୍ମାନନ୍ଦ ପଣ୍ଡା, ରବି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, ନିମାଇଁ ଚରଣ ପଟ୍ଟନାୟକ, ପ୍ରଫୁଲ୍ଲ ତ୍ରିପାଠୀ, ରତ୍ନାକର ଚଇନି, ସଦାଶିବ ଦାସ, ପ୍ରସନ୍ନ ପାଟ୍ଟଶାଣୀ, ରବିସ୍ୱାଇଁ, ସତ୍ୟମିଶ୍ର, କହ୍ନେଇଲାଲ ଦାସ, ଅଶୋକ ଚନ୍ଦନ, ଅଧ୍ୟାପକ ବିଶ୍ୱରଞ୍ଜନ, ଗିରିଦଣ୍ଡ ସେନା, ରଣଦୀର ଦାସ, ପୂର୍ଣ୍ଣାନନ୍ଦ ଦାନୀ, ଜଗଦୀଶ ମହାନ୍ତି ଇତ୍ୟାଦି ଗାଳ୍ପିକ ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ଲିଖନୀ ଚାଳନା କରି ସମୃଦ୍ଧ କରିପାରିଛନ୍ତି।

ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡା ଓଡ଼ିଆ ସାହିତ୍ୟରେ ପ୍ରଥମ ଆଭାସଗଳ୍ପ ରଚୟିତା ଭାବରେ ପରିଚିତ। ସମାଲୋଚକ ବୈଷ୍ଣବଚରଣ ସାମଲଙ୍କ ମତରେ - "ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଓଡ଼ିଆ ଆଭାସଗଳ୍ପର ଜନକ କହିଲେ ଭୁଲ ହେବ ନାହିଁ। ସେ ବୋଧହୁଏ ପ୍ରଥମ ଗାଳ୍ପିକ ଯେ କି ଓଡ଼ିଆ ସାହିତ୍ୟରେ ଆଭାସ ଗଳ୍ପର ପ୍ରଥମ ପରୀକ୍ଷା କରି ସିଦ୍ଧିଲାଭ କରିଛନ୍ତି। ଏ ପର୍ଯ୍ୟନ୍ତ ସେ କେତେକ ଆଭାସ ଗଳ୍ପ ରଚନା କରି ମୁହୂର୍ତ୍ତସର୍ବସ୍ୱ ମଣିଷ ଜୀବନର ଯଥାର୍ଥ ପରିଚୟ ଦେବା ସଙ୍ଗେ ସଙ୍ଗେ ନିଜର ପ୍ରତିଭାର ପରିଚୟ ପ୍ରଦାନ କରିଅଛନ୍ତି। ତାଙ୍କ ରଚିତ 'କଳା ଓ କଳ୍ପନା' ଗଳ୍ପ ସଂକଳନ (୧୯୫୯)ର 'ଆକାଂକ୍ଷାର ସଂସ୍କାର' ଓ 'ଅପରୂପର ରୂପ' ଗଳ୍ପଦ୍ୱୟ ଆଭାସ ଗଳ୍ପକ୍ଷେତ୍ରରେ ପ୍ରଥମ ଉଦ୍ୟମ।"(୧୩) ଆଲୋଚକ ବୃନ୍ଦାବନ ଆଚାର୍ଯ୍ୟଙ୍କ ମତରେ -"ସମ୍ପୂର୍ଣ୍ଣ ନୂତନ ଶୈଳୀର ଗଳ୍ପଲେଖକରୂପେ ବ୍ରହ୍ମାନନ୍ଦ ପଣ୍ଡା ଅତ୍ୟାଧୁନିକ କାଳରେ ସୁଖ୍ୟାତି ଅର୍ଜନ କରିଅଛନ୍ତି। ଓଡ଼ିଆ ଗଳ୍ପକ୍ଷେତ୍ରରେ ସେ ସର୍ବପ୍ରଥମେ ବହୁ ଆଭାସଧର୍ମୀ କ୍ଷୁଦ୍ରଗଳ୍ପ ଲେଖି ଯଶସ୍ୱୀ ହୋଇଅଛନ୍ତି। ତାଙ୍କ ଗଳ୍ପର ଚରିତ୍ରଗୁଡ଼ିକ ପରିବେଶ ସହ ଜୀବନ୍ତ ଭାବରେ ବାସ୍ତବରୂପେ ପ୍ରତିଭାତ ହୁଅନ୍ତି। ନୂତନ ଦୃଷ୍ଟିଭଙ୍ଗୀ ଓ ଅପାରମ୍ପରିକତା ତାଙ୍କ ଗଳ୍ପକଳାର ବିଶେଷତ୍ୱ। ତାଙ୍କର ଅଧିକାଂଶ ଗଳ୍ପରୁ ପ୍ରୟୋଗବାଦୀ ଶୈଳୀର ପରିଚୟ ମିଳିଥାଏ ।"(୧୪)

ଗଳ୍ପର ବ୍ୟାପ୍ତି ଅପେକ୍ଷା ଦୀପ୍ତିକୁ ଗୁରୁତ୍ୱ ଦେଉଥିବା ଗାଳ୍ପିକ ହେଉଛନ୍ତି ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡା। 'ସାଧାରଣ ସତ୍ୟ' (୧୯୫୧-୫୨), 'ମହକ' (୧୯୫୩), 'ଆତ୍ମ ପରିଚୟ' (୧୯୫୪-୫୫), 'କଳା ଓ କଳ୍ପନା' (୧୯୫୯), 'ଫଲଗୁର ତରଙ୍ଗ' (୧୯୬୩), 'ପ୍ରାନ୍ତଯମକ' (୧୯୭୬) ଇତ୍ୟାଦି ଗଳ୍ପଗ୍ରନ୍ଥର ସେ ହେଉଛନ୍ତି ସ୍ରଷ୍ଟା। ତାଙ୍କର ଆଭାସଗଳ୍ପ ଗୁଡିକ ମଧ୍ୟରେ -ବଂଶୀ ଓ ବନଶୀ, ଅଂଧାରୀ, ସୋରେଇ, କାକା ସାରିଗାମା କୁଉ, ମୃତ ଆତ୍ମା, ନୀଳାବେଶ, ଅରୂପର ରୂପ ଇତ୍ୟାଦି । ବିଭୂତି ପଟ୍ଟନାୟକଙ୍କ ସାକ୍ଷାତକାର ଗ୍ରନ୍ଥ ମୁହାଁମୁହିଁ କଥାବାର୍ତ୍ତା ପୁସ୍ତକରେ ବ୍ରହ୍ମାନନ୍ଦ ପଣ୍ଡା ଆଭାସଗଳ୍ପର କଳା ଓ ବିଷୟ ବିନ୍ୟାସ ନିଜର ଆଭାସଗଳ୍ପ ରଚନାର ପଶ୍ଚାତପଟରେ ରହିଥିବା ପ୍ରେରଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। "'ବିନ୍ଦୁ' ଭିତରେ ସିନ୍ଧୁ'ର ସ୍ୱାଦ ଆସ୍ୱାଦନ କରିବାର ଇଚ୍ଛା ଯୋଗୁ ଗଳ୍ପ ମଝିରେ ଆଭାସ ଗଳ୍ପ ଲେଖିବାର ଆଗ୍ରହ ମୋ ଭିତରେ ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷ ପ୍ରେରଣା ଏଥିପାଇଁ ମତେ ମିଳିଥିଲା ପ୍ରଖ୍ୟାତ ଭାସ୍କର ରାମକିଙ୍କରଙ୍କ 'ଗାନ୍ଧି" ଛବି ଯୋଗୁ। ଓଦା କାଛରେ ରାମକିଙ୍କର ଗୋଟିଏ ଧାରୁଆ ପଦାର୍ଥରେ ଇତସ୍ତତଃ ଆଘାତ କରୁକରୁ ପଦଯାତ୍ରୀ ମହାତ୍ମା ଗାନ୍ଧିଙ୍କ ଛବିର ଅବିକଳ ଆଭାସ କାଛରେ ଅଙ୍କିତ ହୋଇଥିଲା। ତାଙ୍କର ଏହି ଛବି ଆଙ୍କିବାର ପଦ୍ଧତି ମତେ ଆଭାସ ଗଳ୍ପ ଲେଖିବା ପାଇଁ ବାଟ ଦେଖାଇଥିଲା। ମୁଁ ପ୍ରଥମେ ଏଭଳି ଗଳ୍ପ ଲେଖି ତାକୁ 'ସାଙ୍କେତିକ ନକ୍ସା' ନାମରେ ଆଖ୍ୟାୟିତ କରିବାକୁ ଚାହିଁଥିଲି। କିନ୍ତୁ 'ଦିଗନ୍ତ'ର ସମ୍ପାଦକ ମନୋଜ ଦାସ ଏଭଳି ଗଳ୍ପ ଛାପିଲା ବେଳେ ତାକୁ 'ଆଭାସ ଚିତ୍ର' ବୋଲି ଉଲ୍ଲେଖ କଲେ। ୧୯୫୮ ମସିହା 'ଝଙ୍କାର' ବିଷୁବ ସଂଖ୍ୟାରେ ମୋର ପ୍ରଥମ ଆଭାସ ଗଳ୍ପ 'ଆକାଂକ୍ଷାର ସଂସ୍କାର" ପ୍ରକାଶିତ ହୋଇଥିଲା। ତାପରେ 'ବଂଶୀ ଓ ବନ୍‌ଶୀ' ଓ 'କାକା ସାରିଗାମା କୁଉ' ପ୍ରଭୃତି ଅନେକଗୁଡ଼ିଏ ଆଭାସ ଗଳ୍ପ ଲେଖିଛି ।"(୧୫)

ଆଭାସଗଳ୍ପ ରଚନା କ୍ଷେତ୍ରରେ ଗାଳ୍ପିକ ପଟ୍ଟନାୟକ ଜଣେ ସାର୍ଥକ ଶିଳ୍ପୀ। ତାଙ୍କର ଆଦ୍ୟ ଗାଳ୍ପିକ ଜୀବନରେ ସେ ଅନେକ ଆଭାସଗଳ୍ପ ରଚନା କରିଛନ୍ତି। ଅବଶ୍ୟ ପରିବର୍ତ୍ତୀ ସମୟରେ ଗଳ୍ପର କାହାଣୀଧର୍ମୀତାକୁ ଗୁରୁତ୍ୱ ଦେଇଛନ୍ତି। ଅସାମାଜିକର ଡାଏରୀ ସଂକଳନରେ ଅନେକ ଆଭାସଗଳ୍ପ ରହିଛି। 'ଦିଆସିଲିକାଠି', 'ଝୁନୁ ଓ ଗୋଲାପ', 'କେମେଲିଅନ୍', 'କୁନି', 'ଡିମିରିଫୁଲ', 'ଜହ୍ନ', 'ଇପ୍‌ସା', 'ଟକା ଭଉଁରୀ', 'ଦୃଷ୍ଟିକୋଣ', 'ଜୀବନ', 'ଅପରାଜେୟ', 'ଚାରୋଟି ମୁହୂର୍ତ୍ତର କାହାଣୀ', 'ବ୍ରଣ' ଇତ୍ୟାଦି ଆଭାସ ଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟର ଏକ ଏକ ଉଲ୍ଲେଖନୀୟ କୃତି। "'ଅସାମାଜିକର ଡାଏରୀ' ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏକ ନୂଆ ସୂଚନା। ଗଳ୍ପ ଗୁଡ଼ିକରେ ସଂକ୍ଷିପ୍ତତା ତାକୁ ସଂଗୀତର abstract ଗୁଣରେ ଭୂଷିତ କରେ। ଏହି ସଂକଳନରେ ଗାଳ୍ପିକଙ୍କ କାବ୍ୟିକ ମନ ସହ ଆଉ ଗୋଟିଏ ମନର ମଧ୍ୟ ସନ୍ଧାନ ମିଳିଥାଏ। "ସେହି ମନ ହେଉଛି ବୁଦ୍ଧିଦୀପ୍ତ ବିଶ୍ଳେଷଣାତ୍ମକ ଆଧୁନିକ ଚେତନାର ମନ। ଏହି ମନଟି ନିଜର ଆବେଗକୁ ଗୋଟିଏ ମୁଡ୍ ବା ମନଃସ୍ଥିତିକୁ ସୂଚନାତ୍ମକ ଭାଷାରେ ପ୍ରକାଶ କରେନି। ଏହା ନିଜର ଅନୁଭୂତିକୁ ଖିନ୍‌ଭିନ୍ କରି ବିଶ୍ଳେଷଣ କରିଥାଏ, ନିଜ ଚିନ୍ତାଦ୍ୱାରା ତଉଲିଥାଏ।"(୧୬) ମୁହୂର୍ତ୍ତର ଭାବନାକୁ ଶବ୍ଦଚିତ୍ର କରିବାର କୌଶଳ 'ଜହ୍ନ' ଆଭାସଗଳ୍ପରୁ ଜାଣିହେବ – "ଜହ୍ନଟା ମୁଚୁ ମୁଚୁ ହସୁଚି।

ସେଇ ସଞ୍ଜପହରରୁ ହସି ଚାଲିଛି ଯେ ତାର ବିରାମ ଆଉ ନାହିଁ। ଏତେ ହସ ସେ କେଉଁଠି ସାଇତି ରଖିଥିଲା କେଜାଣି। କୁତୁ କୁତୁ ହସ ନୁହେଁ। ସୁନ୍ଦର ଆଉ ପ୍ରାଣ ମତାଣିଆ ମୁଚୁକି ହସ। ଭିତରର ଆନନ୍ଦରେ ଏମିତି ଫାଟିପଡୁଛି ଯେ, ଅଥଚ ଧଳା ମଖମଲ ବା ବାଦଲର କାନିପଣତରେ ଚାପିରଖିଛି ତାକୁ। ତଥାପି ହିଡ଼ମାଟି ଦେଇ ବନ୍ଧା ହୋଇଥିବା ପ୍ରଥମ ଶରତର ଶ୍ୟାମଳ କ୍ଷେତର ଛଳ ଛଳ ଜଳରାଶି ଯେମିତି ହିଡ଼ ଭିତର ଦେଇ ଝରି ଝରି ପଡ଼େ ଠିକ୍ ସେମିତି ଚପା ହସ ଝରି ଝରି ପଡୁଚି। ତୋଫା ହସ ମଧୁର, ରସାଳ, ଆଉ....

ସୁକାନ୍ତ ଆଜି ଆସୁଛି ।

ଜହ୍ନଟା ଅତି ଉଦାସ। ସାରାରାତି ଶୂନ୍ୟ ବିଛଣାରେ କାନ୍ଦି ସକାଳ ପହରକୁ ଘୁମେଇ ପଡ଼ିଥିବା ସଦ୍ୟବିଧବାର ଫୁଲା ଫୁଲା ମୁହଁ ପରି ଅତି କରୁଣ। ମୁହଁସାରା କଳା କଳା ଛାପ। ରହି ରହି କଳାବାଦଲର ପଣତରେ ଆଖିର ଲୁହ ପୋଛୁଚି। ମାନମୟୀ ସରମା ରାଜକନ୍ୟା ମଉନାବତୀ ଯେମିତି ବର ଖୋଜି ଶାନ୍ତହୋଇ ଇ ରହିଯାଇଛି। ଆଖିରେ ତା'ର ଆଶା ନାହିଁ, ମନରେ ଆଉ ଭରସା ନାହିଁ। ଶାନ୍ତ-ନିରବ-ଉଦାସ-ଗମ୍ଭୀର ଲୁହ ଉଛୁଳା ଆଖିପତା ପରି ଢଳ ଢଳ ।

ସୁକାନ୍ତ କାହିଁକି ଆସିଲାନି?"(୧୭)

କଳେବର ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ ଏହି ଆଭାସଗଳ୍ପରେ ଭାବର ଗଭୀରତା ଅନୁମେୟ। 'ସୁକାନ୍ତ ଆସୁଛି'ର ଆଶା 'ସୁକାନ୍ତ ଆଜି ଆସିଲାନି'ର ନିରାଶା ମଧରେ ଯେଉଁ ସୂକ୍ଷ୍ମ ମନସ୍ଥିତି ଜାଗ୍ରତ ହୋଇଛି ତାର ଶବ୍ଦଚିତ୍ର ହେଉଛି 'ଜହ୍ନ' ଗଳ୍ପ। ଆପଣାର ମଣିଷ ଆସିବାର ଆନନ୍ଦ ଓ ନଆସିବାର ନିରାନନ୍ଦ ପରି ଦୁଇଟି ଅବସ୍ଥାକୁ ସୂଚିତ କଲାପରି ପରିବେଶ ନିର୍ମାଣ କରିଛନ୍ତି। କବିତାଧର୍ମୀ ଭାଷାର ପ୍ରୟୋଗରେ ଅର୍ଥର ବିଭାବନା ଦେଖନ୍ତୁ। "ହିଡ଼ମାଟି ଦେଇ ବନ୍ଧା ହୋଇଥିବା ପ୍ରଥମ ଶରତର ଶ୍ୟାମଳ କ୍ଷେତର ଛଳ ଛଳ ଜଳରାଶି ଯେମିତି ହିଡ଼ ଭିତର ଦେଇ ଝରି ଝରି ପଡ଼େ ଠିକ୍ ସେମିତି ଚପା ହସ ଝରି ଝରି ପଡୁଚି।"-ଗୋଟିଏ ବାକ୍ୟରେ ସୁକାନ୍ତ ଆସିବାର ସୁଖରେ ଜହ୍ନ ମୁହଁର ଚମକ ପରିପ୍ରକାଶ ଲାଭ କରିଛି। ପୁଣି,- "ସାରାରାତି ଶୂନ୍ୟ ବିଛଣାରେ କାନ୍ଦି ସକାଳ ପହରକୁ ଘୁମେଇ ପଡ଼ିଥିବା ସଦ୍ୟବିଧବାର ଫୁଲା ଫୁଲା ମୁହଁ ପରି ଅତି କରୁଣ ।" ଧାଡ଼ିରେ ସୁକାନ୍ତ ନଆସିବାର ବେଦନା ସୁସ୍ପଷ୍ଟ। ଶବ୍ଦଶକ୍ତିର ଯଥୋଚିତ ପ୍ରୟୋଗରେ ସଂକ୍ଷିପ୍ତ ପରିସରରେ ମାନବୀୟ ଭାବର ବ୍ୟାପକତାକୁ ସମାହିତ କରିବାରେ ଗାଳ୍ପିକ ସଫଳ ହୋଇଛନ୍ତି ।

ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ବିଶିଷ୍ଟ ଲେଖକ ଶାନ୍ତନୁ ଆଚାର୍ଯ୍ୟଙ୍କ 'ଶେଷ ସମ୍ବାଦ', ନିମାଇଁ ଚରଣ ପଟ୍ଟନାୟକଙ୍କ 'ଲାଜକୁଳୀ ଲତା', 'ପଦ୍ମତୋଳା', 'ନିରାମୀ' ,'ସୃଷ୍ଟି ଓ ସ୍ରଷ୍ଟା', ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ତରଙ୍ଗ ,ଗଙ୍ଗା,ହୁଗୁଳି ଓ ମହାନଦୀ', 'ଗୋଟିଏ ଅସଲ କଥା', 'ଦୁଇଟି ଅଙ୍କନ', 'ସବୁ ଗଲାପରେ', 'ଯାତ୍ରା', ରଣଧୀର ଦାସଙ୍କ 'ପଲାଶ,ଦୂର' 'ପର୍ବତ' ,'ଆଖି', 'କଇଁଛ', ପୂର୍ଣ୍ଣାନନ୍ଦ ଦାନୀଙ୍କ 'ଅସରନ୍ତି', 'ଜଞ୍ଜିର', ଜଗଦୀଶ ମହାନ୍ତିଙ୍କ 'ରୋମାନସ', 'କଳଙ୍କ', ସତ୍ୟମିଶ୍ରଙ୍କ 'ଜଣେ ରାଜାଙ୍କ ମୃଗୟା','ମୁହୂର୍ତ୍ତ' ,'ଆଗନ୍ତୁକ' , ଅଶୋକଚନ୍ଦନଙ୍କ 'ଆବର୍ତ୍ତନ', 'ଆକାଶ', 'ପ୍ରଜାପତି', କହ୍ନେଇଲାଲ ଦାସଙ୍କ 'ଗୋଟିଏ ଘରପୋଡ଼ିର ଦୃଶ୍ୟ', 'ସର୍ବଂସହା', 'ବିବର୍ତ୍ତନବାଦ', ଇତ୍ୟାଦି ଏକ ଏକ ଚମତ୍କାର ନିଦର୍ଶନ। ଆଭାସଗଳ୍ପର ଅନ୍ୟତମ ବିଶେଷତ୍ୱ କାବ୍ୟିକତାକୁ ସତ୍ୟମିଶ୍ରଙ୍କ 'ପ୍ରେମ ଓ ପ୍ରତ୍ୟୟ'ରେ ଅନୁଭବ କରନ୍ତୁ -

"କ୍ଲାରା, ମୁଁ ସପ୍ନ ଦେଖିଲି/ ତୁମ ସୌନ୍ଦର୍ଯ୍ୟଠାରୁ ଆହୁରି ଦୂରନ୍ତ ଏକ ମରୁଭୂମିର ଠିଆହୋଇ ମୁଁ ହାତରେ ଆଂଜୁଳାଏ ପାଣିଧରି/ ତମକୁ ଦେଖାଉଚି।/ ଏ ପାଣି ତମ ଆଖିଠାରୁ ଅଧିକ ନୀଳ ଓ ସ୍ୱଚ୍ଛ/ ଏବଂ ଏଥିରେ ଆକାଶ ଓ ଜହ୍ନର ପ୍ରତିବିମ୍ବ/ ସପ୍ନ ଭଳି। ପ୍ରଣୟ ଭଳି। ଆବେଗ ଭଳି ।" (୧୮)

ଭାବସାନ୍ଦ୍ରତା ସହ ପ୍ରକାଶଭଙ୍ଗୀର ସାବଲୀଳତାକୁ ପ୍ରୟୋଗ କରି ଓଡ଼ିଆ ଗାଳ୍ପିକମାନେ ସଫଳ ଆଭାସଗଳ୍ପ ରଚନା କରିପାରିଥିଲେ। କିନ୍ତୁ ଗଳ୍ପରେ ହୋଇଥିବା ଏହି ନୂତନ ପରୀକ୍ଷା ସୀମିତ ସମୟ ମଧରେ ସୃଷ୍ଟି ଓ ବିଳୟକୁ ସାମ୍ନା କରିଥିଲା। ଅନେକ ସମୟରେ ସାହିତ୍ୟରେ ବୌଦ୍ଧିକତା ଦୁର୍ବୋଧତାରେ ରୂପାନ୍ତରିତ ହେଲାପରି ଆଭାସଗଳ୍ପ କ୍ଷେତ୍ରରେ ମଧ ତାହା ହୋଇଛି। ପାଠକର ସହଭାଗିତାକୁ ଗୁରୁତ୍ୱ ଦେଉଥିବା ଏହି ନୂତନ ପ୍ରବିଧା ସାଧାରଣ ପାଠକର ଚେତନାକୁ ଛୁଇଁ ପାରିଲା ନାହିଁ। ଆଭାସଗଳ୍ପର ଅସଫଳତା ସଂପର୍କରେ ନିତ୍ୟାନନ୍ଦ ଶତପଥିଙ୍କ ମତ ହେଉଛି -ସାଂପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ସଂପୂର୍ଣ୍ଣ କବିତା-ଧର୍ମୀ ମିନି-ଗଳ୍ପ ଓ ରୈଖିକ ଗଳ୍ପ (Sketch) ର ପ୍ରବର୍ତ୍ତନ କ୍ରମେ ଦ୍ରୁତତର ହେଉଥିବା ଲକ୍ଷ୍ୟ କରାଯାଉଛି। ଏପରିକି ଅନେକ ମିନି-ଗଳ୍ପ କବିତା ପରି ଦୁର୍ବୋଧ ଭାବଧାରା ଓ ଆଙ୍ଗିକ ରୀତିରେ ଆତ୍ମପ୍ରକାଶ କରୁଛନ୍ତି। ଏହା ଗଳ୍ପ ପରି ସମୃଦ୍ଧ ଓ ଗଣତାନ୍ତ୍ରିକ କଳା ପ୍ରତି ଅବମାନନା ଓ ଏକ ଯଥେଚ୍ଛାଚାର କୁହାଯାଇପାରେ। ଆଧୁନିକ କବିତା ଅବୋଧ ଓ କବିର ମାନସିକ ରୋମନ୍ଥନ ତଥା ଖଣ୍ଡିତ ଚିନ୍ତାର ଇତସ୍ତତଃ ପ୍ରକାଶ ବୋଲି କ୍ରମାଗତ ଅଭିଯୋଗ ହେଉଥିଲାବେଳେ ମିନିଗଳ୍ପରେ ସେଇ ଅବୋଧତା ଓ ଅସ୍ପଷ୍ଟତା ପାଠକ ପ୍ରତି ଏକ ଉପେକ୍ଷା ଓ ପ୍ରତାରଣା କୁହାଯାଇପାରେ।"(୧୯) ସୁତରାଂ, ଆଭାସଗଳ୍ପ ଓଡ଼ିଆ ଗଳ୍ପଧାରାରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟର ଶିଳ୍ପ। ଲେଖକର ସଂଯମତା,ସତର୍କତା ଓ ପାଠକର ସହଭାଗିତାର ମିଶ୍ରଣରେ ଆଭାସଗଳ୍ପ ଯେଉଁ ନାନ୍ଦନିକ ସତ୍ୟକୁ ପରିପ୍ରକାଶ କରିବାର ସାମର୍ଥ୍ୟ ରଖେ ତା'ର ପଟାନ୍ତର ନାହିଁ। ମାପିଚୁପି ଶବ୍ଦକୁ ବ୍ୟବହାର ନକଲେ ଏହା ଅବୋଧ ହେବା ସ୍ୱାଭାବିକ। ଆଭାସଗଳ୍ପ ଉତ୍ତରଷାଠିଏ କାଳର ଏକ ପ୍ରଭାବଶାଳୀ ଶିଳ୍ପଧର୍ମ, ଏଥିରେ ମତଦ୍ୱୈଧର ଅବକାଶ ନାହିଁ।

ପ୍ରାନ୍ତଟୀକା:


୧. ସାହୁ, ଆଦିକନ୍ଦ। ଓଡ଼ିଶା ଗଳ୍ପ ଉପନ୍ୟାସର ନବଦିଗନ୍ତ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨। ପୃଷ୍ଠା-୩୩

୨. ସାମଲ, ବୈଷ୍ଣବଚରଣ। ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରକୃତି। ସାଥି ମହଲ, ବିନୋଦବିହାରୀ କଟକ-୨। ପୃଷ୍ଠା-୫୭

୩. ପାଠୀ, ଦୀନନାଥ। ଚିତ୍ରମାନସ। ଦିବ୍ୟ ମୁଦ୍ରଣୀ, ଭୁବନେଶ୍ୱର। ପୃଷ୍ଠା-୩୬

୪. ପଟ୍ଟନାୟକ,ବିଭୂତି। ମୁହାମୁହିଁ କଥାବାର୍ତ୍ତ(ସଂ)।ପୃଷ୍ଠା-୮୯

୫. ସାମଲ, ବୈଷ୍ଣବ ଚରଣ। ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ କଟକ-୨। ପୃଷ୍ଠା-୭୩

୬. ମିଶ୍ର, ଦୀନବନ୍ଧୁ। ସାହିତ୍ୟର ସ୍ୱରୂପ ସର୍ବେକ୍ଷଣ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨। ପୃଷ୍ଠା-୧୫୦

୭. ପରିଡ଼ା, ପ୍ରକାଶ କୁମାର। ନବଚେତନାର ଗଳ୍ପ, ବୁକ୍ସ ଏଣ୍ଡ ବୁକ୍ସ। ପୃଷ୍ଠା-୧୪୪

୮. ତ୍ରିପାଠୀ, ସନ୍ତୋଷ। ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ। ପୃଷ୍ଠା-୨୨୯
୯. ସ୍ୱାଇଁ ,ଦିଲୀପ କୁମାର। ସାହିତ୍ୟ ସ୍ରୋତ ନୂତନ ପ୍ରସ୍ଥ। ସାଇ ଯମୁନା ପବ୍ଲିକେଶନ୍ସ, ଝାଞ୍ଜିରୀ ମଙ୍ଗଳା, କଟକ। ପୃଷ୍ଠା-୧୯୯
୧୦. ବାରିକ, ସୌରେନ୍ଦ୍ରୀ। ବାମନର ପାଦ। ଅଗ୍ରଦୂତ, ବାଙ୍କାବଜାର କଟକ-୨। ପୃଷ୍ଠା-୭୪
୧୧. ପଟ୍ଟନାୟକ,ବିଭୂତି। ମୁହାମୁହିଁ କଥାବାର୍ତ୍ତ(ସଂ), ପୃଷ୍ଠା୮୯
୧୨. ବାରିକ, ସୌରେନ୍ଦ୍ରୀ। ବାମନର ପାଦ। ଅଗ୍ରଦୂତ, ବାଙ୍କାବଜାର, କଟକ-୨। ପୃଷ୍ଠା-୬୮
୧୩. ସାମଲ, ବୈଷ୍ଣବ ଚରଣ। ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ କଟକ-୨। ପୃଷ୍ଠା-୭୮
୧୪. ଆଚାର୍ଯ୍ୟ, ବୃନ୍ଦାବନ। ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ କଟକ-୨। ପୃଷ୍ଠା୨୩୯
୧୫.ପଟ୍ଟନାୟକ,ବିଭୂତି।ମୁହାମୁହିଁକଥାବାର୍ତ୍ତା(ସଂ)।ପୃଷ୍ଠା-୮୯
୧୬. ସାମଲ, ବୈଷ୍ଣବ ଚରଣ। ରବି ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପ: ଏକ ମନ୍ମୟ ଦୃଷ୍ଟିପାତ। ରବି ପଟ୍ଟନାୟକ ଗଳ୍ପ ମାନସ-୨୫
୧୭. ରବି, ପଟ୍ଟନାୟକ। ଗଳ୍ପ ସମଗ୍ର। ପଶ୍ଚିମା ପବ୍ଲିକେସନ୍, ନୟାପଲ୍ଲୀ, ଭୁବନେଶ୍ୱର। ପୃଷ୍ଠା-୨୧
୧୮. ମିଶ୍ର, ସତ୍ୟ। ବହୁବଚନ। ପଶ୍ଚିମା ପବ୍ଲିକେସନ୍, ନୟାପଲ୍ଲୀ, ଭୁବନେଶ୍ୱର। ପୃଷ୍ଠା-୧୦୪
୧୯. ଶତପଥି, ଡ଼.ନିତ୍ୟାନନ୍ଦ। ଗଳ୍ପ ଓ ଗାଳ୍ପିକ। ଓଡ଼ିଶା ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ। ପୃଷ୍ଠା-୧୦

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© Aloka Ranjana Sadangi, Dr. Santosh Tripathy 2024. The text of this article is open access and licensed under a Creative Commons Attribution 4.0 International License

## Cite this Article :

Aloka Ranjana Sadangi, Dr. Santosh Tripathy, Abhasagalpara silpakala o odia galpa sahityare ta'ra padadhwani, Bageesha, Vol. No. 02, Issue No. 04, July - August 2024, Article No: BM2024/04-A004, Page- 31-37